# ସୁବର୍ଣ୍ଣପୁର ପୌରପରିଷଦ କାର୍ଯ୍ୟାଳୟ ସୁବର୍ଣ୍ଣପୁର

ନୋଟିସ୍ ନଂ....1309....... ତା. ....12.04.22.......

## ସର୍ବସାଧାରଣ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୁବର୍ଣ୍ଣପୁର ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ସମ୍ପତ୍ତିଗୁଡିକର ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଯେଉଁମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆସନ୍ତା ତା.୨୫.୦୪.୨୦୨୨ ଦିବା ୧୧.୦୦ଘ ସୁଦ୍ଧା ଜଉମୁଦ ଲଫାପାରେ ଟେଣ୍ଡର ପକାଇପାରିବେ । ଟେଣ୍ଡର ରେ ଭାଗ ନେବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧିୟ ତଥ୍ୟ **ଟ.୧୦୦/-ଙ୍କା** ଦାଖଲ କରି ତା.୨୫.୦୪.୨୦୨୨ ଦିବା ଘ.୧୦.୦୦ ପର୍ଯ୍ୟନ୍ତ ପାଇପାରିବେ । ଜଉମୁଦ ଟେଣ୍ଡରରେ ଭାଗ ନେବା ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟ ର **୩୦ ପ୍ରତିଶତ** ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକରରେ Executive Officer, Sonepur Municipality ଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବାକୁ ଜଣାଇ ଦିଆଗଲା । ଜଉମୁଦ ଟେଣ୍ଡର ଆସନ୍ତା ତା.୨୫.୦୪.୨୦୨୨ ଦିବା ଘ.୧୨.୦୦.ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର କାରୀ ଯେକୌଣସି ଟେଣ୍ଡର ର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । କର୍ତ୍ତୃପକ୍ଷ ଇଚ୍ଛାକଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ । ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସଂପତ୍ତି ପରିଚାଳନା କରିବେ । ଟେଣ୍ଡର ପାଇଥିବା ବ୍ୟକ୍ତି ୭ଦିନ ମଧ୍ୟରେ ଧାର୍ଯ୍ୟ ମୂଲ୍ୟ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା କରିବେ । କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସୈରାତ ପରିଚାଳନା ନକଲେ ଟେଣ୍ଡର ରଦ୍ଦ କରାଯିବା ସଂଗେ ସଂଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବ୍ୟଜାପ୍ତି କରାଯିବ । ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

| କ୍ର.ନଂ | ସଇରାତର ନାମ | ଟେଣ୍ଡର ର କାର୍ଯ୍ୟକାଳ | ଅଫସେଟ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧ | ସାଇକେଲ ଷ୍ଟାଣ୍ଡ (ମଙ୍ଗଳବାର ବଜାର) | ଚୁକ୍ତିନାମା ହେବା ଦିନ ଠାରୁ ୩୧.୦୩.୨୦୨୩ | ୯୦,୨୦୦/- | ୨୭,୦୬୦/- |
| ୨ | ପଥୁରୀ ବନ୍ଧ | ଚୁକ୍ତିନାମା ହେବା ଦିନ ଠାରୁ ୩୧.୦୩.୨୦୨୫ | ୧,୮୯୩/- | ୫୬୮/- |
| ୩ | ବଡଗୁଡାଳି ବନ୍ଧ | ଚୁକ୍ତିନାମା ହେବା ଦିନ ଠାରୁ ୩୧.୦୩.୨୦୨୫ | ୭୨,୬୦୦/- | ୨୧,୭୮୦/- |

12/04/2022

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପତ୍ରାଙ୍କ ......1310........ ତାରିଖ....12.04.22.....

ଏହାର ଏକକିତା ଅବିକଳ ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ଙ୍କୁ ଦୁଇ ଗୋଟି ସମ୍ବାଦପତ୍ର **ସମ୍ବାଦ ଓ ପ୍ରମେୟ** (ସମ୍ବଲପୁର ପ୍ରକାଶନ)ରେ ଆସନ୍ତା କାଲି ଗୋଟିଏ ଦିନ ପାଇଁ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

12/04/2022

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ .......1311........ ତାରିଖ.....12.04.22.....

ଏହାର ଏକକିତା ଅବିକଳ ନକଲ ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ତହସିଲଦାର, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

12/04/2022

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ...1312........ ତାରିଖ...12.04.22........

ଏହାର ଏକକିତା ଅବିକଲ ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

12/04/2022

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ।

ପରିପତ୍ରାଙ୍କ ...1313........ ତାରିଖ...12.04.22........

ଏହାର ଏକକିତା ଅବିକଲ ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

12/04/2022

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ

ପରିପତ୍ରାଙ୍କ ...1314........ ତାରିଖ...12.04.22........

ଏହାର ଏକକିତା ଅବିକଲ ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

12/04/2022

ନିର୍ବାହୀ ଅଧିକାରୀ,
ସୁବର୍ଣ୍ଣପୁର ପୌର ପରିଷଦ